ଟ୍ରାନ୍ସୟୁନିୟନ ସିବିଲ

ଏମଏସଏମଇ

ପଲସ୍

ଫେବୃୟାରୀ, ୨୦୨୧

ସିଡ଼ବି

ଶ୍ରୀ ଭି. ସତ୍ୟ ଭେଙ୍କଟ ରାଓ

ଡ଼ିଏମଡ଼ି

ସିଡ଼ବି

ଇସିଏଲଜିଏସ(ECLGS) ସମେତ ସରକାରଙ୍କ ଦ୍ୱାରା ବୃହତ୍ ନୀତିଗତ ଉତ୍ସାହପ୍ରଦ ହେତୁ ଏମଏସଏମଇ (MSME) କ୍ଷେତ୍ରର କ୍ରେଡ଼ିଟ୍ ଅଭିବୃଦ୍ଧି ତୀବ୍ର ଭାବରେ ପ୍ରତ୍ୟାବର୍ତ୍ତିତ କରି ସେପ୍ଟେମ୍ବର ୨୦ରେ ୫.୭ ପ୍ରତିଶତ (YOY) ବର୍ଷ ପରେ ବର୍ଷ ଅଭିବୃଦ୍ଧି ପଞ୍ଜିକୃତ ହୋଇଛି । ମହାମାରୀ ସମୟରେ ଏମଏସଏମଇ (MSME)କୁ ସମର୍ଥନ କରିବାରେ ଏବଂ ଯେହେତୁ ଅର୍ଥନୈତିକ କାର୍ଯ୍ୟ କଳାପ ବୃଦ୍ଧି ପାଇବାରେ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକ ଆଗରେ ରହି ଆସିଛନ୍ତି ଘରୋଇ ବ୍ୟାଙ୍କ ଏବଂ ଏନବିଏଫସି (NBFC)ଗୁଡ଼ିକ ମଧ୍ୟ ଋଣ ଚାହିଦାକୁ ବଢ଼ାଇବାରେ ଲାଗିଛନ୍ତି । ଆମେ ଯେହେତୁ ଅଭିବୃଦ୍ଧି ପଥରେ ଆଗକୁ ବଢୁଛୁ, ଆମକୁ ବିପଦରେ ପ୍ରସ୍ତୁତ ପାଇଁ ଥିବା ସଂକେତ ଗୁଡ଼ିକୁ ଯତ୍ନର ସହ ନିରୀକ୍ଷଣ କରିବାକୁ ପଡ଼ିବ । ବିଶେଷ ଭାବରେ ମାଇକ୍ରୋ ଅଂଶରେ ଯାହା ତୁଳନାତ୍ମକ ଭାବରେ ଅଧିକ ସିଏମଆର (CMR) (ସିବିଲ ଏମଏସଏମଇ ର୍ୟାଙ୍କ) ଅବନତି ଦେଖୁଥାଏ ।

ଏମଏସଏମଇ (MSME)ର ଋଣ ଅଭିବୃଦ୍ଧିର ପୁନଃ ଉତ୍ଥାନ ଯାହା ପୂର୍ବ-ମହାମାରୀ ସ୍ତରକୁ ଫେରିଛି, ଏହା ଆମ ବଜାରରେ ଅର୍ଥନୈତିକ ପୁନଃ ଉଦ୍ଧାରର ଏକ ପ୍ରତିଜ୍ଞାକାରୀ ସୂଚକ । ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ ଏହି ପୁନରୁତ୍ଥାନର ଅଗ୍ରଣୀ ଚାଳକ ଅଟନ୍ତି କାରଣ ସେମାନେ ଏହି ଇସିଏଲଜିଏସ (ECLGS) ର ନୀତିନିୟମ ସମୂହ ଗୁଡ଼ିକୁ ଶୀଘ୍ର ପାଳନ କରିବା ଏବଂ ଏମଏସଏମଇ (MSME) ଗୁଡ଼ିକୁ ଆଗେଇ ନେବା ପାଇଁ ତଥ୍ୟ ବିଶ୍ଲେଷଣ (ଡ଼ାଟା ଆନାଲିଟିକ୍ସ) ଏବଂ କ୍ରେଡ଼ିଟ୍ ସୂଚନା ସମାଧାନକୁ ବ୍ୟବହାର କରିଥାନ୍ତି । ମାନ୍ୟବର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବର୍ତ୍ତମାନର ବଜେଟ ଗତବର୍ଷ ତୁଳନାରେ ଏମଏସଏମଇ (MSME) କ୍ଷେତ୍ରର ଅବଦାନକୁ ଦ୍ୱିଗୁଣିତ କରିଛି ଯାହା ଏହି କ୍ଷେତ୍ରକୁ ଅଧିକ ଆର୍ଥିକ ସହାୟତା ଯୋଗାଇବ । ଏହି କ୍ଷେତ୍ରର ସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଟ୍ରାନସୟୁନିୟନ ସିବିଏଲ ସରକାର, ନିୟାମକ ଉଧାରଦାତା ଏବଂ ଅନ୍ତିମ ଶ୍ରେଣୀ ଏମଏସଏମଇ (MSME) ସମେତ ସମସ୍ତ ଇକୋ ସିଷ୍ଟମରେ ଖେଳାଳୀଙ୍କ ସହ ମିଶି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ରାଜେଶ କୁମାର

ପରିଚାଳନା ନିର୍ଦ୍ଦେଶକ ଓ

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଟ୍ରାନ୍ସୟୁନିୟନ ସିବିଲ ଲିଃ.

ବିଶ୍ଳେଷଣ ସଂକ୍ରାନ୍ତୀୟ ଯୋଗାଯୋଗ

ଟ୍ରାନ୍ସୟୁନିୟନ ସିବିଲ୍

ବିପୁଲ ମହାଜନ
vipul.managar@translenion.com

ସଲୋନୀ ସିନ୍ହା
saloni.sinha@transution.com

ସିଡ଼ବି

ରଙ୍ଗଦାସ ପ୍ରଭାବତୀ
erdoav@sidbi.in

ରମେଶ କୁମାର
rameshk@sidbi.in

ସୂଚୀପତ୍ର

କାର୍ଯ୍ୟନିର୍ବାହୀ ସାରାଂଶ	୦୧
ଏମଏସଏମଇ (MSME) ଉଧାରୀର କ୍ରେଡ଼ିଟ୍ (ଋଣ) ଅଭିବୃଦ୍ଧି	୦୩
କ୍ରେଡ଼ିଟ୍ (ଋଣ) କାର୍ଯ୍ୟଦକ୍ଷତା ଏବଂ ସ୍ୱାସ୍ଥ୍ୟ ଯାଞ୍ଚ	୦୮
ଉଧାରୀ ପରିଚାଳିତ ବ୍ୟବସ୍ଥାରେ ପରିବର୍ତ୍ତନ	୧୪
ଉପସଂହାର	୨୦

କାର୍ଯ୍ୟନିର୍ବାହୀ ସାରାଂଶ

ବାଣିଜ୍ୟିକ ରଣ ଅନୁସନ୍ଧାନ ଗୁଡ଼ିକର ଲେଉଟାଣି ହୋଇଛି ଏବଂ ଏଗୁଡ଼ିକ ପୂର୍ବ-କୋଭିଡ୍ ୧୯ ସ୍ତରକୁ ପରିଚାଳିତ କରିବା ସହିତ ରଣ ଚାହିଦାର ପୁନରୁତ୍ଥାନକୁ ସୂଚିତ କରୁଛି : ବର୍ଷ ୨୦୨୦ ଅପ୍ରେଲରେ ବର୍ଷ ପରେ ବର୍ଷ (YoY) ର ବାଣିଜ୍ୟିକ ରଣ ଅନୁସନ୍ଧାନ ଅଭିବୃଦ୍ଧି ହାରରେ ୬୦ ପ୍ରତିଶତ କମିଯାଇଛି । ତଥାପି ଇମରଜେନ୍ସି କ୍ରେଡ଼ିଟ୍ ଲାଇନ ଗ୍ୟାରେଣ୍ଟି ଯୋଜନା (ECLGS) ଅନ୍ତର୍ଗତ ସରକାରଙ୍କର ଆତ୍ମନିର୍ଭର ଭାରତ ପଦକ୍ଷେପ ଜରିଆରେ ବାଣିଜ୍ୟିକ ରଣ ଅନୁସନ୍ଧାନ ବର୍ଷ ଜୁନ ୨୦୨୦ ବର୍ଷ ପରେ ବର୍ଷ (YoY) ବିକାଶର ୫୮ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏବେ ଏହା ବର୍ଷ ଡ଼ିସେମ୍ବର ୨୦ ବର୍ଷ ପରେ ବର୍ଷ ବୃଦ୍ଧିରେ ୧୩ ପ୍ରତିଶତରେ ସ୍ଥିର ରହିଛି ଯାହାକି ପୂର୍ବ କୋଭିଡ୍ ୧୯ ସ୍ତରର ବୃଦ୍ଧି ହାର ସହିତ ସମାନ ।

ECLGS, MSME ରଣ ଯୋଗାଣକୁ ବୃଦ୍ଧି କରିଛି, ତଥାପି ଅଧିକାଂଶ ଉତ୍ପତ୍ତି (ବିଦ୍ୟମାନ ବ୍ୟାଙ୍କ) ETB ସ୍ତର ଆଡ଼କୁ ମୁହାଁଇଛନ୍ତି : ECLGSର ପ୍ରକୃତି ଅନୁସାରେ, ଏମଏସଏମଇ ଗୁଡ଼ିକ ବିଦ୍ୟମାନ ବ୍ୟାଙ୍କ ଆଡ଼କୁ ରଣ ଦେବାରେ ତ୍ୱରାନ୍ୱିତ କରିଛି ଯାହାକି ବିଦ୍ୟମାନ ବ୍ୟାଙ୍କ ଆଡ଼କୁ ଉଧାରୀକରଣକୁ ପ୍ରଦାନ କରି, **MSME** ନିଜକୁ ବିସ୍ତାରିତ କରି, ବିଦ୍ୟମାନ ବ୍ୟାଙ୍କକୁ ଏହି ରଣ ପ୍ରଦାନର ଅତି ଗଭୀରତା ଭିତରକୁ ନେଇଯାଇଛି । ସେପ୍ଟେମ୍ବର ୨୦ରେ, MSME ର ୩୦ ପ୍ରତିଶତ ଯାହା ମାର୍ଚ୍ଚ ୨୦ ସୁଦ୍ଧା ଏକ ଜୀବନ୍ତ ରଣ ଥିଲା, ୨୦୧୯ରେ ସମାନ ସମୟସୀମା ପାଇଁ, ୭ ପ୍ରତିଶତ ତୁଳନାରେ ଅନ୍ୟ ଏକ ରଣ ପାଇଛି ।

ରଣ ଉତ୍ପତ୍ତିର ପ୍ରତ୍ୟାବର୍ତ୍ତନ ଅଣମେଟ୍ରୋ ଅବସ୍ଥିତିରେ ମେଟ୍ରୋ ସହରଗୁଡ଼ିକ ଠାରୁ ଉଚ୍ଚତର ଅଟେ: ମେଟ୍ରୋ ସହର ତୁଳନାରେ ଅଣ-ମେଟ୍ରୋ ଅବସ୍ଥାନ ଗୁଡ଼ିକ ଅତି କମ୍ କଠିନ ଏବଂ ଛୋଟ ଲକ୍‌ଡ଼ାଉନ ଅଧିନରେ ରହିଥିଲା । ଏହା MSME ରଣ ଉତ୍ପତ୍ତିର ଅଣ-ମେଟ୍ରୋ ଅବସ୍ଥିତିରେ ପ୍ରତିଫଳିତ ହୋଇଛି ଯାହା YoY ବୃଦ୍ଧିକୁ ଜୁନ'୨୦ରେ ୧୫୭ ପ୍ରତିଶତ ଏବଂ ସେପ୍ଟେମ୍ବର ୨୦ରେ ୨୦ ପ୍ରତିଶତ ପ୍ରଦର୍ଶିତ କରିଛି । ମେଟ୍ରୋ ଅବସ୍ଥିତି ତୁଳନାରେ ନିମ୍ନ YoY ବୃଦ୍ଧି ଉତ୍ପତ୍ତିରେ ଏହା ଜୁନ '୨୦ରେ ୭୬ ପ୍ରତିଶତ ଏବଂ ସେପ୍ଟେମ୍ବର '୨୦ରେ ୧୨ ପ୍ରତିଶତ ପ୍ରଦର୍ଶିତ କରିଛି ।

ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ (ପିଏସ୍‌ବି) ଏମଏସଏମଇ ରଣ ପ୍ରଦାନରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଛି ତାପରେ ଘରୋଇ ବ୍ୟାଙ୍କ: ଫେବୃୟାରୀ '୨୦ପୂର୍ବ କୋଭିଡ୍ ୧୯ ସ୍ଥିତିର ପ୍ରାୟତଃ ଦ୍ୱିଗୁଣିତ ୧୬ ପ୍ରତିଶତକୁ ନେଇ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କର ପରିଧି YoYର ଉତ୍ପତ୍ତି ବୃଦ୍ଧିରେ ସେପ୍ଟେମ୍ବର '୨୦ରେ ୩୦ ପ୍ରତିଶତରେ ଠିଆ ହୋଇପାରିଛି । ଘରୋଇ ବ୍ୟାଙ୍କ ସେପ୍ଟେମ୍ବର '୨୦ରେ YoY ଉତ୍ପତ୍ତି ବୃଦ୍ଧି ୧୬ ପ୍ରତିଶତରେ ଠିଆ ହୋଇଛି । ତଥାପି ଡ଼ିସେମ୍ବର '୨୦ ଏବଂ ଜାନୁୟାରୀ '୨୧ରୁ ସମ୍ପ୍ରତି ଅନୁସନ୍ଧାନ ଧାରା ଏହି ଧାରା ଗୁଡ଼ିକର ଓଲଟା ଦେଖାଏ, ଯେହେତୁ ଘରୋଇ ବ୍ୟାଙ୍କ ଗୁଡ଼ିକ **MSME** ଉଧାରୀକରଣକୁ ପୁନଃ ସଂଯୋଗ କରିଛନ୍ତି ଏବଂ ଏହି ଦୂରତ୍ୱ ଗୁଡ଼ିକୁ ଶୀଘ୍ର ବନ୍ଦ କରୁଛନ୍ତି ।

ଶତ ପ୍ରତିଶତ ରଣ ସୁନିଶ୍ଚିତ ଯୋଜନା ମଞ୍ଜୁରୀ ଅନୁପାତ ବହୁ ମାତ୍ରାରେ ବୃଦ୍ଧି ପାଇଛି ଯାହା ପୂର୍ବ କୋଭିଡ୍ ୧୯ ସ୍ତରର ମାପ ଠାରୁ ଯଥେଷ୍ଟ ଅଧିକ : ପୂର୍ବ କୋଭିଡ୍ ୧୯ ସ୍ତରକୁ ତୁଳନା କଲେ ମଞ୍ଜୁରୀ ଅନୁପାତ ଜୁନ '୨୦ରେ ପ୍ରାୟତଃ ୧.୫ ଗୁଣ ବୃଦ୍ଧି ପାଇଛି । ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କରେ ଏହି ମଞ୍ଜୁରୀ ଅନୁପାତର ହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହାକି ପୂର୍ବ କୋଭିଡ୍ ୧୯ ସ୍ତର ତୁଳନାରେ ପ୍ରାୟତଃ ୨ଗୁଣା ବୃଦ୍ଧି ପାଇଛି । ବୃଦ୍ଧି ପାଉଥିବା ମଞ୍ଜୁରୀ ଅନୁପାତରେ ସବୁଠାରୁ ଅଧିକ ହିତାଧିକାରୀ ମାନଙ୍କ ମଧ୍ୟରେ ରହିଛି ବିପଦପୂର୍ଣ୍ଣ MSME ସହିତ ୭ରୁ ୧୦ ସାଂକେତିକ ସର୍ତକତାପୂର୍ଣ୍ଣ ସିବିଲ MSME ସ୍ତର (CMR) ସର୍ବୋପରି ଏସବୁଥିରେ ଆବଶ୍ୟକତା ରହିଛି ଏ ସମସ୍ତ କାଗଜପତ୍ର ଫାଇଲଗୁଡ଼ିକର ନିୟମିତ ଯାଞ୍ଚ କରିବା ।

ଗ୍ରାହକ ଇଚ୍ଛାମୂଳକ ବ୍ୟୟ ଏବଂ ମାଇକ୍ରୋ ଋଣ ଅଂଶ ଉଚ୍ଚ ସିଏମଆର ନିମ୍ନଗାମୀ କ୍ଷେତ୍ରରେ ଦେଖାଯାଏ : ମହାମାରୀ-ଅଂଶବିଶେଷ ଆର୍ଥିକ ପରିସ୍ଥିତି ଉଧାରକାରୀଙ୍କ ଋଣ ବ୍ୟବସ୍ଥାକୁ ଦୁର୍ବଳ କରିଅଛି ଯାହାକି ସମାନ ଭାବରେ ବର୍ଷକ ତଳର ପରିସ୍ଥିତି ତୁଳନାରେ ସେପ୍ଟେମ୍ବର '୧୯-ସେପ୍ଟେମ୍ବର '୨୦ ସମୟରେ ଏହା ସିଏମଆର ନିମ୍ନଗାମୀକୁ ଆହୁରି ଅଧିକ କ୍ଷତି କରିଛି । ତଥାପି ଏହି ନିମ୍ନଗାମୀ ମାଇକ୍ରୋ ସ୍ତରରେ ଗ୍ରାହକ ଇଚ୍ଛାମୂଳକ ବ୍ୟୟ କ୍ଷେତ୍ର ତୁଳନାରେ ସ୍ଥିରିକୃତ ବ୍ୟୟ କ୍ଷେତ୍ରରେ ହବ୍ ଅଧିକ ବିସ୍ତାରିତ ।

ଉଧାରୀ ଯୋଗାଣର ତ୍ୱରିତ ଗତି ଯୋଗୁଁ ଖିଲାପି ଅନୁପାତ ସେପ୍ଟେମ୍ବର ୨୦ରେ ୧୨.୧ ପ୍ରତିଶତରେ ସ୍ଥିର ହୋଇପାରିଛି: MSME ଅଂଶବିଶେଷ ପାଇଁ NPAର ଅନୁପାତ ସେପ୍ଟେମ୍ବର '୨୦ରେ ୧୨.୧ ପ୍ରତିଶତରେ ରହିପାରିଛି ଯାହାକି ଶେଷ ବର୍ଷ (ସେପ୍ଟେମ୍ବର '୧୯-୧୨.୫ ପ୍ରତିଶତ) ତୁଳନାରେ ସମାନ ହେଲେ ମଧ୍ୟ ଶେଷ ତ୍ରୈମାସିକ (ଜୁନ '୨୦-୧୩.୦ ପ୍ରତିଶତ) ଠାରୁ କମ୍ ଅଟେ । MSME ଅଂଶବିଶେଷରେ ଉଚ୍ଚ ଉଧାରୀରେ ରହିଥିବା ଧାରା ଜୁନ '୨୦ ଠାରୁ ପରବର୍ତ୍ତୀ ପର୍ଯ୍ୟାୟ ପର୍ଯ୍ୟନ୍ତ NPA ଅନୁପାତରେ ଏକ ଉଚ୍ଚ ପରିମାପକ ଯୋଗାଇଛି । ଯାହା ହେଲେ ମଧ୍ୟ ନୀତିନିୟମ ମୁତାବକ NPAର ଅନୁପାତ ପରିବର୍ତ୍ତିତ ହୋଇପାରେ ।

ଉଧାରୀ ଅବଶେଷ ସଫଳତା ବୃଦ୍ଧି ହାରର ଅସୁଲି ଧାରା ଇଂରାଜୀ ଭି (ଅକ୍ଷର) ଆକୃତି ଦେଖାଇଥାଏ : ମାର୍ଚ୍ଚ '୨୦ ଲକଡ଼ାଉନ ସମୟର ଶେଷ ୧୦ଦିନ ଯାହା ଭାରତରେ ପାରମ୍ପରିକ ଉଧାରୀ କର୍ମ ଚଞ୍ଚଳ ସମୟ ଭାବରେ ପରିଚିତ ଅଟେ, ଏହା MSME ଉଧାରୀ କାର୍ଯ୍ୟ ଧାରାକୁ ବହୁ ମାତ୍ରାରେ ପ୍ରଭାବିତ କରିଛି, ଯାହା ଉଧାରୀ ଅବଶେଷ ସଫଳତା ବୃଦ୍ଧିକୁ ୩.୯ ପ୍ରତିଶତ ହାରରେ ମାର୍ଚ୍ଚ '୨୦ର YoY ରେ ତଳକୁ ଖସାଇଛି । ECLGS କୁ ଅନୁସରଣ କରି ଏହି ଉଧାରୀ କାର୍ଯ୍ୟଧାରା ପୁନଃ ପ୍ରତ୍ୟାବର୍ତ୍ତନ କରି ପୁଣି ସେପ୍ଟେମ୍ବର ୨୦ର ଉଧାରୀ ଅବଶେଷ ସଫଳତାକୁ YoY ର ଧାରାରେ ପ୍ରାୟ ୫.୭ ପ୍ରତିଶତର ବୃଦ୍ଧି କରିପାରିଛି ।

MSME ଉଧାରୀ କ୍ରେଡ଼ିଟ୍ ଅଭିବୃଦ୍ଧି

ଭାରତରେ ମୋଟ ତୁଳନା ପତ୍ର ଉପରେ ବାଣିଜ୍ୟିକ ଉଧାରୀ ଅନାବୃତ୍ତ ସେପ୍ଟେମ୍ବର '୨୦୨୦ରେ ଟ.୭୧.୨୫ ଲକ୍ଷ କୋଟିରେ ପହଞ୍ଚିଛି ଏବଂ YoY ଅଭିବୃଦ୍ଧି ହାର ୨.୧% ରହିଛି । MSME ଅଂଶବିଶେଷର ଉଧାରୀ ଚିତ୍ର ସେପ୍ଟେମ୍ବର '୨୦ ପର୍ଯ୍ୟନ୍ତ ୧୯.୦୯ ଲକ୍ଷ କୋଟିରେ ରହିଛି ଯାହା YoY ବୃଦ୍ଧିର ହାରକୁ ୫.୭ ପ୍ରତିଶତକୁ ଇଙ୍ଗିତ କରୁଛି ଏବଂ ଏହି ଉଧାରୀ ବୃଦ୍ଧି ସମସ୍ତ ଜମା ବୃଦ୍ଧି ଉପ-ଅଂଶରେ ଦେଖାଦେଇପାରିଛି ।

ପ୍ରଦର୍ଶିତ ୧ : ତୁଳନା ପତ୍ର ଉପରେ ବାଣିଜ୍ୟିକ ଉଧାରୀ (କ୍ରେଡ଼ିଟ୍) ଅନାବୃତ୍ତ/ ପ୍ରଭାବକ (ଲକ୍ଷ କୋଟି ଟଙ୍କାରେ)

	ଅତି କ୍ଷୁଦ୍ର <୧୦ ଲକ୍ଷ ଟଙ୍କା	ମାଇକ୍ରୋ-୧ ୧୦-୫୦ ଲକ୍ଷ ଟଙ୍କା	ମାଇକ୍ରୋ -୨ ୫୦ ଲକ୍ଷ - ୧କୋଟି	କ୍ଷୁଦ୍ର ୧.୧୦ କୋଟି	ମଧ୍ୟମ-୧ ୧୦-୨୫ କୋଟି	ମଧ୍ୟମ-୨ ୨୫-୫୦ କୋଟି	ବୃହତ୍ >୫୦ କୋଟି ଟଙ୍କା	ମୋଟାମୋଟି
Jun'18	0.78	1.91	1.30	6.51	3.27	2.67	44.90	61.33
Sep'18	0.82	2.02	1.37	6.84	3.38	2.75	48.93	66.11
Dec'18	0.85	2.10	1.42	7.04	3.45	2.78	49.99	67.63
Mar'19	0.88	2.18	1.48	7.29	3.55	2.87	52.33	70.59
Jun'19	0.88	2.14	1.45	7.23	3.48	2.79	51.79	69.77
Sep'19	0.89	2.20	1.47	7.25	3.47	2.78	51.50	69.57
Dec'19	0.92	2.23	1.50	7.33	3.48	2.77	51.49	69.73
Mar'20	0.93	2.19	1.45	7.02	3.33	2.62	52.03	69.58
Jun'20	0.93	2.27	1.51	7.39	3.55	2.80	53.46	71.92
Sep'20	0.94	2.34	1.57	7.68	3.68	2.89	52.17	71.25
Y-o-Y growth	**7.0%**	**9.0%**	**8.0%**	**6.2%**	**5.6%**	**3.6%**	**0.7%**	**2.1%**

ଯେତେବେଳେ ପୋର୍ଟଫୋଲିଓ ସ୍ତରରେ ଋଣ ଅଭିବୃଦ୍ଧି ପ୍ରାୟତଃ ମୂଳ ପ୍ରଭାବିତ ଦ୍ୱାରା ବର୍ଦ୍ଧିତ ହୋଇଥାଏ, ଅର୍ଥାତ୍ ନୂତନ ଉତ୍ପତ୍ତି ଏହି କ୍ଷେତ୍ରରେ ଋଣ କାର୍ଯ୍ୟକଳାପର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ । MSME ପଲସର ପୂର୍ବ ସଂସ୍କରଣରେ ଆମେ ଅନୁଭବ କରିଛୁ କୋଭିଡ଼-୧୯ କାରଣରୁ ଦେଶ ସାରା କିପରି ଲକ୍‌ଡ଼ାଉନ ହୋଇଥିଲା ଏବଂ ମାର୍ଚ୍ଚ '୨୦ରୁ ମେ '୨୦ ଅବଧି ମଧ୍ୟରେ ଋଣ ରାଶିର ଚାହିଦା କିପରି କମିଯାଇଥିଲା । କିନ୍ତୁ ସମସ୍ତଙ୍କ ଅଂଟା ସଳଖିବା ଭଳି ପ୍ୟାକେଜ ଯାହାକି ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିଲା ବିଭିନ୍ନ ପରି ଯୋଜନା ମାଧ୍ୟମରେ ଯେପରିକି ECLGS ଯାହାକି ଜମା ରାଶିର ଚାହିଦା ଏବଂ ଯୋଗାଣକୁ ପୁଣି ଥରେ ପ୍ରକୃତିସ୍ଥ କରିଥିଲା ଯେପରିକି ପୂର୍ବ କୋଭିଡ଼-୧୯ ସ୍ତର ଭଳି । ବ୍ୟବସାୟିକ ଜମା ଅନୁସନ୍ଧାନର YoY ବୃଦ୍ଧିର ଧାରା ମତବ୍ୟକ୍ତ କରିଥାଏ ଯେ, ଋଣ ।ରାଶିର ଚାହିଦା MSME କ୍ଷେତ୍ରରେ ପୁନରୁଥାପିତ ହୋଇପାରିଛି । ଅପ୍ରେଲ '୨୦ ଏବଂ ମଇ '୨୦ ଅବଧି ମଧ୍ୟରେ ତୀବ୍ର ହ୍ରାସ ପରେ ECLGS ଅନ୍ତର୍ଭୂକ୍ତ ହେତୁ ଜୁନ-୨୦ରେ ଅନୁସନ୍ଧାନ ଗୁଡ଼ିକ ପଛକୁ ଲେଉଟିଥିଲା । ବର୍ତ୍ତମାନ ଋଣ ଅନୁସନ୍ଧାନର ଅଭିବୃଦ୍ଧି ପୂର୍ବ କୋଭିଡ଼ ୧୯ ସ୍ତରରେ ବଜାଇ ରହିଛି ।

ବାଣିଜ୍ୟ ଋଣ ସଂସ୍ଥା ସ୍ତରରେ ଏକ୍ରତିତ ଜମା ଏକ୍ସପୋଜର ଆଧାରରେ ବର୍ଗୀକୃତ । ଅତି କ୍ଷୁଦ୍ର <୧୦ ଲକ୍ଷ ମାଇକ୍ରୋ ୧: ୧୦ ଲକ୍ଷ -୫୦ ଲକ୍ଷ ମାଇକ୍ରୋ ୨: ୫୦ଲକ୍ଷ -୧କୋଟି, କ୍ଷୁଦ୍ର : >୧କୋଟି < ୧୦କୋଟି ମଧ୍ୟମ୧: >୧୦କୋଟି ୨୫କୋଟି, ମଧ୍ୟମ ୨ > ୨୫କୋଟି <୫୦କୋଟି ବୃହତ୍ତ >୫୦ କୋଟି ମାଇକ୍ରୋ ସ୍ତର ଅନ୍ତର୍ଭୁକ୍ତ ଥାଏ ଅତି କ୍ଷୁଦ୍ର ମାଇକ୍ରୋ ୧ ଏବଂ ମାଇକ୍ରୋ ୨ ସ୍ତର ଏବଂ ମଧ୍ୟମ ସ୍ତର ଅନ୍ତର୍ଭୁକ୍ତ ଥାଏ ମଧ୍ୟମ ୧ ଏବଂ ମଧ୍ୟମ ୨

ପ୍ରଦର୍ଶନ ୨ : YoY ବାଣିଜ୍ୟିକ କ୍ରେଡ଼ିଟ୍ (ଋଣ) ଅନୁସନ୍ଧାନ ସଂଖ୍ୟାର ବୃଦ୍ଧି :



କ୍ରେଡ଼ିଟ୍ (ଋଣ) ଚାହିଦା ଅନୁଯାୟୀ MSME ଋଣ ଉତ୍ପତ୍ତିର ମତ ଅନୁସାରେ, ଜାନୁୟାରୀ ‘୨୦ରୁ ଫେବୃୟାରୀ ‘୨୦ ମଧ୍ୟରେ ନୂଆ ଋଣ ଉତ୍ପତ୍ତି ବୃଦ୍ଧି ହାର ୩୦ ପ୍ରତିଶତରୁ ଅଧିକ ରହିଥିଲା ବେଳେ ମାର୍ଚ୍ଚ ‘୨୦ରୁ ଅପ୍ରେଲ ‘୨୦ ମଧ୍ୟରେ ଏହା ଆଶାତୀତ କମିଛି । ECLGS ର ଶୁଭାରମ୍ଭ ସହିତ ଋଣ ଉତ୍ପତ୍ତି ଯାହା ଜୁନ ‘୨୦ରେ ଶୀର୍ଷରେ ଥିଲା ଜୁନ ‘୧୯ ତୁଳନାରେ ଏହା ୧୧୫ ପ୍ରତିଶତରୁ ଆହୁରି ଅଧିକ ବୃଦ୍ଧି କରିଥିଲା ଏବଂ ବର୍ଷକ ପୂର୍ବରୁ ଥିବା ସମାନ ସ୍ଥିତି ତୁଳନାରେ ଏହା ଅପେକ୍ଷାକୃତ ଅଧିକ ହୋଇଛି ।

ପ୍ରଦର୍ଶନ ୩: MSME ଋଣର ଉତ୍ପତି ବୃଦ୍ଧିର ହାର ପରିମାଣ ଅନୁସାରେ YoY ବୃଦ୍ଧି ହାର



ଉଧାରକର୍ତ୍ତାଙ୍କ ପ୍ରକାରଭେଦକୁ ନେଇ କ୍ରେଡ଼ିଟ୍ (ଋଣ) କାର୍ଯ୍ୟକଳାପ

ଯେଉଁମାନଙ୍କୁ ଏହି ଋଣ ମଞ୍ଜୁର ହୋଇଥାଏ ପୁନର୍ବାର ଉଧାରକର୍ତ୍ତାଙ୍କ ସହିତ ରହିଥିବା ସମ୍ପର୍କ ଆଧାରରେ ବିଭକ୍ତିକରଣ ହୋଇଥାଏ । ଉଧାରକର୍ତ୍ତା ଯେଉଁମାନଙ୍କର ଋଣଗ୍ରହୀତାଙ୍କ ସହିତ ବାଣିଜ୍ୟିକ ଋଣ ସମ୍ପର୍କ ବିଦ୍ୟମାନ ଥିଲା ଏହାକୁ ବିଦ୍ୟମାନ ବ୍ୟାଙ୍କ (ଇଟିବି) ଭାବରେ ବ୍ୟାଖ୍ୟା କରାଯାଇଛି । ସମ୍ମାନସ୍ପଦ ଉଧାରକର୍ତ୍ତାଙ୍କ ସହିତ ଋଣଦାତାଙ୍କ ବାଣିଜ୍ୟିକ ଋଣ ସମ୍ପର୍କ ନ ଥାଇ ସେଭଳି ଉଧାରକର୍ତ୍ତାଙ୍କୁ ବ୍ୟାଙ୍କ ପାଇଁ ନୂଆ NTB (ଏନଟିବି) ଭାବରେ ଶ୍ରେଣୀଭୁକ୍ତ କରାଯାଇଛି ।

ଇଟିବି ବିଭାଗ ଦ୍ୱାରା ଋଣ ଉତ୍ପତ୍ତିର ଏକ ଶକ୍ତିଶାଳୀ ପୁନଃ-ଫେରସ୍ତ ଫେରିପାରିଛି । ଏହାକୁ ମୁଖ୍ୟତଃ ECLGS ଗଠନ ଦ୍ୱାରା ଯେଉଁଠାରେ ନିୟମସୂହକୁ ବିଦ୍ୟମାନ ଉଧାରକର୍ତ୍ତା / ଋଣଗ୍ରହୀତାଙ୍କ ପାଇଁ ୨୦ ପ୍ରତିଶତ ଅଧିକ ଋଣ ବୃଦ୍ଧି କରାଯାଇଛି । ECLGS ସଂଗଠିତର ପ୍ରଥମ ମାସରେ ଇଟିବି ଋଣ ଉତ୍ପତି YoY ବୃଦ୍ଧିରେ ୨୦୦ ପ୍ରତିଶତ ପାର କରିଛି । ତା'ପରଠାରୁ ତୀକ୍ଷ୍ଣ ମୂନଟି ଭାଙ୍ଗି ଯାଇଥିଲେ ମଧ୍ୟ ଇଟିବି ଉତ୍ପତି ସେହିଭଳି ଭାବରେ ଭାସମାନ ଅବସ୍ଥାରେ ରହିଯାଇଛି । ଅନ୍ୟ ପଟେ ଏନଟିବି ଉତ୍ପତ୍ତି ପୁଣି ସେହି ପୂର୍ବ-କୋଭିଡ଼ ୧୯ ସ୍ତରକୁ ପ୍ରତ୍ୟାବର୍ତ୍ତନ ପାଇଁ ନିଜର ସମସ୍ତ ପ୍ରଚେଷ୍ଟା ଜାରି ରଖିଛି ।

ପ୍ରଦର୍ଶନ ୪ : YoY ଉତ୍ପତି ବୃଦ୍ଧି ହାରର ଋଣଦାତା ପ୍ରକାର ଦ୍ୱାରା ସନ୍ତୁଳନ :



ଇଟିବି ଉଧାରୀକରଣର ଏକ ଉଚ୍ଚ ଅନୁପାତ MSME ବ୍ୟାଙ୍କ ଋଣ ଉଧାରକର୍ତ୍ତାଙ୍କ ପାଇଁ ଏକ ଗଭୀର କ୍ଷତ ଆଣିପାରିଛି । ୨୦୨୦ରେ ସବୁ MSMEଙ୍କ ମଧ୍ୟରେ ଯେଉଁମାନଙ୍କର ଚ଼ଳନ୍ତି ଋଣ ମାର୍ଚ୍ଚ '୨୦ ପର୍ଯ୍ୟନ୍ତ ଗତିଶୀଳ ଥିଲା ସେମାନେ ୬ମାସ ସମାନ୍ତରାଳ ବ୍ୟବଧାନ ମଧ୍ୟରେ ୩୦ ପ୍ରତିଶତର ଅନ୍ୟ ଏକ ଋଣ ପାଇଲେ ଯାହାକି ୨୦୧୯ ସମୟ ତୁଳନାରେ ୭ ପ୍ରତିଶତ ସମାନ ଥିଲା । ୨୦୨୦ର ଏହି ଧାରା ଆରମ୍ଭ ହୋଇଥିଲା ଏପରିକି ECLGS ଆରମ୍ଭ ହେବା ପୂର୍ବରୁ କିନ୍ତୁ ECLGS ଆରମ୍ଭ ପରେ ଏହା ଅଧିକ ବିସ୍ତାରିତ ହୋଇଛି ।

ପ୍ରଦର୍ଶିତ ୫: MSME ର ମାର୍ଚ୍ଚ ସୁଦ୍ଧା ରହିଥିବା କ୍ରମବର୍ଦ୍ଧିତ ପ୍ରତିଶତ ଯାହାକି ପରବର୍ତ୍ତୀ ୬ମାସର ଋଣ ପ୍ରଦାନ



ଉଧାରକର୍ତ୍ତାଙ୍କ ସ୍ତର ଦ୍ୱାରା ଋଣ କାର୍ଯ୍ୟଧାରା

ଉତ୍ପତ୍ତିଗୁଡ଼ିକ ସ୍ତରିୟ ଆଧାରିତ ବୃଦ୍ଧି ସମସ୍ତ ଉପ-ସ୍ତରରେ ସମାନ ଧାରା ଦେଖାଏ। MSME ସ୍ତର ମଧ୍ୟରେ ମାଇକ୍ରୋ ଏବଂ କ୍ଷୁଦ୍ର ସ୍ତରଗୁଡ଼ିକ ECLGSର ପ୍ରାରମ୍ଭିକ ହିତାଧିକାରୀ ଅଟନ୍ତି ପ୍ରାରମ୍ଭିକ ୨୫ କୋଟି କଟ-ଅଫ ବ୍ୟବସ୍ଥାରେ। ୨୫ କୋଟିରୁ ଉର୍ଦ୍ଧ୍ୱ ମଧ୍ୟମ ସ୍ତର ପରେ ଏଥିରେ ସାମିଲ ହୋଇଛି, ତେଣୁ ମଧ୍ୟମ ସ୍ତର ପାଇଁ ଥିବା ଉତ୍ପତ୍ତି ବୃଦ୍ଧିର ପାଳନ ଅଗଷ୍ଟ ୨୦ରୁ ଆରମ୍ଭ ହୋଇଛି। ଜମା ଉତ୍ପତ୍ତିରେ ଥିବା ବର୍ଷ ପରେ ବର୍ଷ ବୃଦ୍ଧି ସମସ୍ତ ଉପ-ସ୍ତର ପୂର୍ବ –କୋଭିଡ଼ ୧୯ ସ୍ତରକୁ ଫେରି ଆସିଛି।

ପ୍ରଦର୍ଶିତ ୬: ଉତ୍ପତ୍ତିର YoY ବୃଦ୍ଧି ହାର ସ୍ତର ଦ୍ୱାରା ସନ୍ତୁଳିତ



ଅଞ୍ଚଳଭିତ୍ତିକ କ୍ରେଡ଼ିଟ୍ (ଋଣ) କାର୍ଯ୍ୟକଳାପ

ଭୌଗୋଳିକ ସ୍ତରରେ ଆଗକୁ ବଢ଼ିବା ସହ, ବିତରଣର ଧାରା ସହରାଞ୍ଚଳ, ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଅଞ୍ଚଳରେ ସମାନ ରହିଛି ଯାହାକି ମେଟ୍ରୋ ଅଞ୍ଚଳ ତୁଳନାର ଜୁନ ୨୦ ବିତରଣରେ ତୀବ୍ର ବୃଦ୍ଧି ପାଇଛି । କିନ୍ତୁ ସାମଗ୍ରିକ ଭାବରେ ECLGS ହସ୍ତକ୍ଷେପ ଦ୍ୱାରା ସମସ୍ତ ଅଞ୍ଚଳ ଉପକୃତ ହୋଇଛି । MSME ପଲସର ପୂର୍ବ ସଂସ୍କରଣରେ ଆମେ ଅନୁଭବ କରିଛୁ ମେଟ୍ରୋ ଅଞ୍ଚଳ ଋଣ ବଣ୍ଟନ କ୍ଷେତ୍ରରେ ସବୁଠାରୁ ପ୍ରଭାବଶାଳୀ ଅଞ୍ଚଳ ଥିଲା । ମେଟ୍ରୋ ଅଞ୍ଚଳ ଋଣ ବଣ୍ଟନ କିଛି ଅଧିକ ମାତ୍ରାରେ ଆଗୁଆ ଦେଖାଇଥଲା କିନ୍ତୁ YOY ବୃଦ୍ଧିରେ ଅଗଷ୍ଟ ୨୦ ଏବଂ ସେପ୍ଟେମ୍ବର ୨୦ ସମୟରେ ତୁଳନାତ୍ମକ ଭାବରେ ଏହି ବଣ୍ଟନ ବର୍ଷ ପରେ ବର୍ଷ ବୃଦ୍ଧି ଆଧାରରେ ଜାନୁୟାରୀ ୨୦ ଏବଂ ଫେବୃୟାରୀ ୨୦ ମଧ୍ୟରେ ଆପାତଃ ବହୁ କମ୍ ପରିମାଣ ରହିଛି ।

ପ୍ରଦର୍ଶିତ ୭ : ଅଞ୍ଚଳ –ଭିତ୍ତିକ YOY ଅଭିବୃଦ୍ଧି ପରିମାଣ ଅନୁଯାୟୀ MSME ଋଣର ଉତ୍ପତ୍ତି ହାର



ଋଣ କାର୍ଯ୍ୟଦକ୍ଷତା ଏବଂ ସ୍ୱାସ୍ଥ୍ୟ ଯାଞ୍ଚ

ବିପଦଯୁକ୍ତ ପ୍ରୋଫାଇଲରେ ପରିବର୍ତ୍ତନ

ସିବିଲ ଏମଏସଏମଇ ର୍ୟାଙ୍କ (CMR) ର ପରିବର୍ତ୍ତନ ଉଧାରକର୍ତ୍ତାଙ୍କୁ ତଦାରଖ କରୁଛି ଯାହାକି ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଯଥା ସେପ୍ଟେମ୍ବର '୧୯ରୁ ସେପ୍ଟେମ୍ବର '୨୦ ମଧ୍ୟରେ ଆରମ୍ଭ ହୋଇଛି ଏବଂ ଏହି ପରିବର୍ତ୍ତନ ସେହି ର୍ୟାଙ୍କ ବକେଟ ପାଇଁ ତଦାରଖ କରାଯାଇଛି ଯାହା ମଧ୍ୟରେ ରହିଛି CMR ୧-୩, CMR ୪-୫, CMR ୬-୭ ଏବଂ CMR ୮-୧୦ । ଏଥିରୁ ଅନୁଭୂତ ହେଉଛି ଉଧାରକର୍ତ୍ତାଙ୍କ ମଧ୍ୟରୁ ୩୬ ପ୍ରତିଶତ ଯେଉଁମାନେ କି ସେପ୍ଟେମ୍ବର ୧୯ରେ ଥିଲେ ସେମାନେ ସେପ୍ଟେମ୍ବର ୨୦ରେ ନିମ୍ନଗାମୀ ର୍ୟାଙ୍କ ବକେଟକୁ ଖସି ଆସିଛନ୍ତି ଏବଂ ୧୫ ପ୍ରତିଶତ ଉଧାରକର୍ତ୍ତା ଯେଉଁମାନେ ସେପ୍ଟେମ୍ବର '୧୯ରେ CMR ୪-୫ରେ ଥିଲେ ସେମାନେ ସେପ୍ଟେମ୍ବର '୨୦ରେ ଉର୍ଦ୍ଧ୍ୱଗାମୀ ର୍ୟାଙ୍କ ବକେଟକୁ ଉନ୍ନିତ ହୋଇଛନ୍ତି ।

ପ୍ରଦର୍ଶିତ ୮: ସେପ୍ଟେମ୍ବର '୧୯ରୁ ସେପ୍ଟେମ୍ବର '୨୦ ମଧ୍ୟରେ ପରିବର୍ତ୍ତିତ CMR ମାପଦଣ୍ଡ

		ସେପ୍ଟେମ୍ବର '୨୦ ର CMR ସ୍ଥିତି				ଅବନତି	ଉନ୍ନତି
		CMR 1-3	CMR 4-5	CMR 6-7	CMR 8-10		
ସେପ୍ଟେମ୍ବର '୧୯ ର CMR ସ୍ଥିତି	CMR 1-3	64%	26%	6%	3%	36%	
	CMR 4-5	15%	56%	19%	10%	29%	15%
	CMR 6-7	7%	24%	55%	14%	14%	31%
	CMR 8-10	1%	6%	19%	74%		26%

ଉଧାରକର୍ତ୍ତା ପରିବର୍ତ୍ତିତ ବିପଦଯୁକ୍ତ ବକେଟର ସେପ୍ଟେମ୍ବର ୧୯ରୁ ସେପ୍ଟେମ୍ବର ୨୦ ଅବଧିର ତୁଳନା ସେପ୍ଟେମ୍ବର '୧୮ରୁ ସେପ୍ଟେମ୍ବର '୧୯ ପରିବର୍ତ୍ତିତ ସହିତ କରାଯାଇଛି । ମହାମାରୀ –ବହନକାରୀ ଅର୍ଥନୈତିକ ମନ୍ଥରତା ନିମ୍ନଗାମୀ ଏହି ଅବନତିରେ ସୁଧାର ଆଣିବା ପାଇଁ କିଛି କାର୍ଯ୍ୟ କରୁଛି ତଥାପି ନୀତି ସ୍ତରର ହସ୍ତକ୍ଷେପ CMR ୮-୧୦ ଡ଼ିଫଲ୍ଟ ମାନ୍ୟତା ପରବର୍ତ୍ତୀ ଅବକ୍ଷୟକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଛି । CMR ୧-୩ କମ୍ ବିପଦଯୁକ୍ତ ଉଧାରକର୍ତ୍ତାଙ୍କ ପାଇଁ CMR ଅବନତି ସେପ୍ଟେମ୍ବର '୧୮ରୁ ସେପ୍ଟେମ୍ବର '୧୯ ମଧ୍ୟରେ ୨୪ ପ୍ରତିଶତ ଥିଲା ବେଳେ ସେଇ ନିର୍ଦ୍ଦିଷ୍ଟ ସମୟ ଅବଧି ଗୋଟିଏ ବର୍ଷ ପରେ ସେପ୍ଟେମ୍ବର '୧୯ରୁ ସେପ୍ଟେମ୍ବର '୨୦ ମଧ୍ୟରେ ବୃଦ୍ଧି ପାଇ ୩୬ ପ୍ରତିଶତରେ ପହଞ୍ଚିଛି । ସମାନ ଭାବରେ ଏହି ଅବନତିର ଧାରା ମଧ୍ୟମ ବିପଦଯୁକ୍ତ CMR ୪-୫ ସ୍ତରରେ ଅନୁଭୂତ ହୋଇଛି ଯାହା ପାଇଁ ଏହି ଅବନତି ସେପ୍ଟେମ୍ବର '୧୮ରୁ ସେପ୍ଟେମ୍ବର '୧୯ ଭିତରେ ୨୨ ପ୍ରତିଶତ ଥିବା ବେଳେ ଗୋଟେ ବର୍ଷ ପରେ ଏହା ପୁଣି ବୃଦ୍ଧି ପାଇ ୨୯ ପ୍ରତିଶତରେ ପହଞ୍ଚିଛି ।



ପ୍ରଦର୍ଶିତ ୯ : ଦୁଇ ବର୍ଷରୁ ଅଧିକ ସମୟ ମଧ୍ୟରେ CMRର ଅବନତି ଏବଂ ଉନ୍ନତି



ପୁନର୍ବାର CMR ଅବନତିର ସମ୍ପୂର୍ଣ୍ଣ ସ୍ତରକୁ ଦୃଷ୍ଟିରେ ରଖି ଏହା ଅନୁମେୟ ଯେ ମାଇକ୍ରୋ ସ୍ତର ବହୁ ଅଧିକ ମାତ୍ରାରେ ଏହାକୁ ପ୍ରଭାବିତ କରିଛି ଏହାର କାରଣ ଆର୍ଥିକ ମନ୍ଥର ଗତି ଯେହେତୁ ଏହି ସ୍ତର CMR ଅବନତିର ଅତି ଉଚ୍ଚ ଊର୍ଦ୍ଧ୍ୱଗାମୀକୁ ଦେଖିଛି ତୁଳନାତ୍ମକ ଭାବରେ କ୍ଷୁଦ୍ର ଏବଂ ମଧ୍ୟମ ସ୍ତରକୁ ଦୃଷ୍ଟିରେ ରଖି । ସେପ୍ଟେମ୍ବର '୧୯ରୁ ସେପ୍ଟେମ୍ବର ୨୦ ମଧ୍ୟରେ ଏହି ସମୟ ପାଇଁ CMR ଅବନ୍ନତି CMR ୧-୩ ବକେଟରେ ମାଇକ୍ରୋ ଋଣଦାତା ସ୍ତରରେ ୩୬ ପ୍ରତିଶତ ରହିଥିବା ବେଳେ ପୂର୍ବ ସମୟ ଅବଧି ମଧ୍ୟରେ ଏହା ତୁଳନାତ୍ମକ ଭାବରେ ୨୪ ପ୍ରତିଶତ ଅଛି ।

ପ୍ରଦର୍ଶିତ ୧୦ : CMR ଅବନତିର ସମ୍ପୂର୍ଣ୍ଣ ସ୍ତର



ସମ୍ପୂର୍ଣ୍ଣ କ୍ଷେତ୍ରରେ CMR ଅବନତିର ଅଧ୍ୟୟନ ଏହା ସୂଚିତ କରୁଛି ଯେ ସେପ୍ଟେମ୍ବର '୧୯ରୁ ସେପ୍ଟେମ୍ବର '୨୦ ସମୟ ଅବଧି ପର୍ଯ୍ୟନ୍ତ ଅଧିକାଂଶ କ୍ଷେତ୍ର ସେପ୍ଟେମ୍ବର '୧୮ରୁ ସେପ୍ଟେମ୍ବର '୧୯ ସମୟ ତୁଳନାରେ ଏହାର ପାହ୍ୟାରେ ଅବନତିର ପରିମାଣ ବହୁ ଅଧିକ ଅଟେ । ଏହି ଅବନତିର ଆକାର ସର୍ବୋଚ୍ଚ ଅଟେ ଗ୍ରାହକ ଇଚ୍ଛାମୂଳକ ଗ୍ରାହକ ବ୍ୟୟ କ୍ଷେତ୍ରରେ ଯେପରିକି ଆତିଥ୍ୟ, ଲଜିଷ୍ଟିକ୍ ଏବଂ ଲୁଗାକଳ ପାଇଁ । ଏହି ଅବନତିର ହାର ଅପେକ୍ଷାକୃତ କମ୍ ଅଟେ ଗ୍ରାହକ ମୁଖ୍ୟ / ଆବଶ୍ୟକତା କ୍ଷେତ୍ର ପାଇଁ ଯେପରିକି ଯାନବାହନ, ଭିତ୍ତିଭୂମି ତଥା ଦ୍ରୁତ ଗତିଶୀଳ ଗ୍ରାହକ ସାମଗ୍ରୀ (ଏଫଏମସିଜି) ।

ପ୍ରଦର୍ଶିତ ୧୧ : CMR ଅବନତିର ସମ୍ପୂର୍ଣ୍ଣ କ୍ଷେତ୍ର[୨]



ଫଳାଫଳକୁ ଦୃଷ୍ଟିରେ ରଖିଲେ, ଉଧାରକର୍ତ୍ତାଙ୍କ ମଧ୍ୟମ-ବିପଦ ଆଶଙ୍କାର ସେହି ଏକତ୍ରିକରଣର ବହୁ କ୍ଷିପ୍ର ଗତିରେ ବୃଦ୍ଧି ହୋଇଛି । ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ୫୧ ପ୍ରତିଶତ ଉଧାରକର୍ତ୍ତା CMR ୪-୬ ପରିଧିରେ ଥିବା ବେଳେ ତୁଳନାତ୍ମକଭାବରେ ସେପ୍ଟେମ୍ବର ୧୯ରେ ଏହି ପରିମାଣ ୪୩ ପ୍ରତିଶତ । CMR ୪-୬ର ମଧ୍ୟମ ବିପଦ ଆଶଙ୍କା ସ୍ତରରେ ପରିବର୍ତ୍ତନ CMR ୧-୩ କମ୍-ବିପଦ ଆଶଙ୍କା ସ୍ତର ଯୋଗୁଁ ଘଟିଛି । ତଥାପି CMR ୭-୧୦ର ଉଚ୍ଚ ବିପଦ ଆଶଙ୍କାପୂର୍ଣ୍ଣ ବିଭାଗ ୩୧ ପ୍ରତିଶତରେ ଅଟକି ରହିଛି ।

ପ୍ରଦର୍ଶିତ ୧୨ : CMR ଦ୍ୱାରା MSME ପୋର୍ଟଫୋଲିଓ ବଣ୍ଟନ



[୨] ଆତିଥ୍ୟ କ୍ଷେତ୍ର ଯାହା ହୋଟେଲ, ରେଷ୍ଟୁରାଣ୍ଟ, ପର୍ଯ୍ୟଟନକୁ ଅନ୍ତର୍ଭୁକ୍ତ କରିଥାଏ । CRE ବ୍ୟବସାୟିକ ସ୍ଥାବର ସମ୍ପତ୍ତି ଅଟେ ଯାହାକି ପ୍ରାଥମିକ ଭାବରେ ବାଣିଜ୍ୟିକ ସମ୍ପତ୍ତିରେ ରହିଥାଏ । ଧାତବ ଯାହା ଲୌହ, ଇସ୍ପାତ ଏବଂ ଅଣ- ଲୌହ ଧାତବକୁ ଅନ୍ତର୍ଭୁକ୍ତ କରିଥାଏ । ଯାନବାହାନ ଯେଉଁଥିରେ ରହିଛି ଯାନବାହାନ ଉପକରଣ, ଉତ୍ପାଦନ ଏବଂ ଅଧିକୃତ ବିକ୍ରେତା ।

ଉତ୍ତମ ଋଣଗ୍ରହୀତାଙ୍କ ଅଧିକ ଭିନ୍ନ ଲକ୍ଷ୍ୟ ନେଇ ପ୍ରବୃତ୍ତିଗତ ଆଲଗୋରିଦମ୍

ବର୍ତ୍ତମାନ ତ୍ରୈମାସିକରେ ଅତି ଅଧିକ ବେଗରେ ବୃଦ୍ଧି ପାଉଥିବା ଋଣ ସନ୍ତୁଳନ -ବିଶେଷ କରି ମଧ୍ୟମ ଏବଂ ଉଚ୍ଚ ବିପଦ ଆଶଙ୍କା ଯୁକ୍ତ ବିଭାଗରେ ଏହି ପ୍ରସଙ୍ଗକୁ ଆହୁରି ଅଧିକ ଶକ୍ତିଶାଳୀ କରିଛି ବର୍ଦ୍ଧିତ ପୋର୍ଟଫୋଲିଓ ଯାଞ୍ଚ ପାଇଁ । ଋଣ ସନ୍ତୁଳନରେ ପ୍ରବୃତ୍ତିୟ ଗତିବିଧି ଘୂର୍ଣ୍ଣାୟମାନ ଋଣ ସୁବିଧା ଯଥା କ୍ୟାସ କ୍ରେଡ଼ିଟ୍ ଏବଂ ଓଭରଡ୍ରାଫ୍ଟ ଋଣ ୨୪ ମାସରୁ ଉର୍ଦ୍ଧ୍ୱ ସମୟ ଅବଧିରେ ବିଶ୍ଳେଷଣ ହୋଇଛି କ୍ରେଡ଼ିଟ୍ ଭିଜନ (ସିଭି) ଉପସ୍ଥିତି ଏବଂ ଆଲଗୋରିଦମକୁ ନେଇ । ବିଭାଜନକୁ ସକ୍ଷମ କରିଥାଏ ଏବଂ ଯେତେବେଳେ CMR ସହିତ ମିଳିତ ଭାବରେ ବ୍ୟବହୃତ ହୁଏ, ଏହା ଏକ ତୀବ୍ର ବିପଦ ଭିନ୍ନତା ପ୍ରଦାନ କରେ । ଏହି ବିଶ୍ଳେଷଣର ଉଦ୍ଦେଶ୍ୟ ପାଇଁ ଆମେ କ୍ରେଡ଼ିଟ୍ ଭିଜନ ବାଲାନ୍ସ ମାଗାନିଚ୍ୟୁଡ଼(ବଲମାଗ) ବିଭିନ୍ନତାକୁ ବ୍ୟବହାର କରିପାରିବା ଯାହା ନିମ୍ନ ବର୍ଗରେ ବ୍ୟାଖ୍ୟା କରାଯାଇ ପାରେ ।

- ବାଲାନ୍ସ ପେ' ଡ଼ାଉନ (ସନ୍ତୁଳନ ପେ' ଡ଼ାଉନ)ର ତୀବ୍ରତା ଅର୍ଥାତ୍ ଦୁଇବର୍ଷ ମଧ୍ୟରେ ବାଲାନ୍ସ ହ୍ରାସ / ଦେବାର ଧାରା ପ୍ରଦର୍ଶନ କରୁଥିବା ସଂସ୍ଥାକୁ ବୁଝାଇଥାଏ ।
- ସନ୍ତୁଳନ ପରିବର୍ତ୍ତନର ପରିମାଣ ତୀବ୍ରତା ବୁଝାଇବାକୁ ସ୍ଥିର ସଂସ୍ଥାଗୁଡ଼ିକ ସେ ସବୁକୁ ଅନ୍ତର୍ଭୁକ୍ତ କରେ ଯାହା ଏକ ସ୍ଥିର ସନ୍ତୁଳନ ଧାରା କିମ୍ବା ଏକ ମାର୍ଜିନାଲ ବୃଦ୍ଧି କରୁଥିବା ଧାରାକୁ ପ୍ରଦର୍ଶିତ କରିଥାଏ ।
- ସନ୍ତୁଳନ ନିର୍ମାଣକାରୀ -ଏହା ସେହି ସଂସ୍ଥାଗୁଡ଼ିକ ଅଟେ ଯାହା ସନ୍ତୁଳନରେ ଏକ ସ୍ଥିର ଧାରା ବାହିକ ବୃଦ୍ଧି ପ୍ରଦର୍ଶନ କରିଥାଏ ।

ପ୍ରଦର୍ଶିତ ୧୩ : ବାଲମାଗ (BALMAG) ଆଧାରିତ ସଂସ୍ଥାଗୁଡ଼ିକର ବର୍ଗୀକରଣ



ସେପ୍ଟେମ୍ବର '୨୦ ପର୍ଯ୍ୟନ୍ତ ଦେୟ ଦେବାର ଅନୁପାତ, ବୃଦ୍ଧି ପାଇଁ ସ୍ଥିରତା ତଥା ସନ୍ତୁଳନ ନିର୍ମାଣକାରୀ ଋଣଦାତାଙ୍କ ସ୍ଥିତି ଯଥାକ୍ରମେ ୧୯ ପ୍ରତିଶତ, ୭୬ ପ୍ରତିଶତ ଏବଂ ୫ ପ୍ରତିଶତରେ ରହିଛି । CMR ୭-୧୦ ବିପଦ ଆଶଙ୍କା ଯୁକ୍ତ ବିଭାଗରେ ସବୁଠାରୁ ଉଚ୍ଚତର ସନ୍ତୁଳନ ନିର୍ମାଣକାରୀ ଋଣଗ୍ରହୀତାଙ୍କ ଭାଗିଦାରୀ ୧୦ ପ୍ରତିଶତ ରହିଥିବା ବେଳେ, CMRC ୧-୩ ବିଭାଗରେ ଏହା ସବୁଠାରୁ ନିମ୍ନରେ ରହିଛି ।

ପ୍ରଦର୍ଶିତ ୧୪ : CMR ବିଭାଗ ଦ୍ୱାରା BALMAG ର ବଣ୍ଟନ



MSME ସଂସ୍ଥାଗୁଡ଼ିକର CMR ଏବଂ BALMAG (ସନ୍ତୁଳନ ପରିମାଣ) ଗୁଡ଼ିକର ବିଶଦ ଯୋଜନା ହୋଇଛି ଏବଂ ଏକ ଖରାପ ହାର ପରିଲକ୍ଷିତ ହୋଇଛି । ଏହି ଖରାପ ହାର କହିଲେ ୯୦ଦିନରୁ ଅଧିକ ଦିବସ ଅତିକ୍ରାନ୍ତ ବକେୟା (DPD) ଯାହା ଆସନ୍ତା ୧୨ ମାସ ମଧ୍ୟରେ ଦେଖାଦେଇଥାଏ ତାକୁ ହିଁ ବୁଝାଇଥାଏ । BALMAG ର ବ୍ୟବହାର ଏକ ବିପଦ ଆଶଙ୍କା ବିଭେଦକ ଅଟେ, ଯାହାକି ଆମେ ଅପେକ୍ଷାକୃତ ଭଲ ଋଣଗ୍ରହୀତାଙ୍କ ପାଇଁ ସମାନ ବିପଦ ଆଶଙ୍କା ଯୁକ୍ତ ବକେଟରେ ପାଇଥାଉ । MSMEର ମଧ୍ୟମ ବିପଦ (CMR ୪-୬) ପାଇଁ ଦେୟ ଦେବା ବିଭାଗ ନିଶ୍ଚିତ ଭାବରେ ୮ ପ୍ରତିଶତ ଖିଲାପିମାନଙ୍କ ରହିତ କାରଣଯୁକ୍ତ ବୃଦ୍ଧିକୁ ଦେଖାଇଥାଏ ସେହି ସମାନ ବିପଦ ଆଶଙ୍କା ଯୁକ୍ତ ବିଭାଗରେ । ସନ୍ତୁଳନ ନିର୍ମାଣକାରୀ ୨୪ ପ୍ରତିଶତରେ ଖରାପ ଅନୁପାତ ପ୍ରଦର୍ଶନ କରୁଥିବା ବେଳେ ଏହା ଦେୟ ଦେଉଥିବା ଖରାପ ଋଣଗ୍ରହୀତାଙ୍କ ଠାରୁ ୩ଗୁଣା ଅଧିକ ଅଟେ । ଏହା କମ୍ ବିପଦ ଆଶଙ୍କା ଯୁକ୍ତ ଋଣଗ୍ରହୀତାଙ୍କୁ ସକ୍ଷମ କରିଥାଏ ଏପରିକି CMR ୪-୬ ବିଭାଗ ଋଣଗ୍ରହୀତାଙ୍କ ମଧ୍ୟରେ । ସମାନ ଅବସ୍ଥା CMR ୭-୧୦ ବିଭାଗରେ ଅନୁଭୂତ ହୋଇଥାଏ ଯେଉଁଠାରେ କି ଯଥାକ୍ରମେ ଦେୟ ଦେବା ଏବଂ ସନ୍ତୁଳନ ନିର୍ମାଣକାରୀ କ୍ଷେତ୍ରରେ ୬୨ ପ୍ରତିଶତରୁ ୮୩ ପ୍ରତିଶତ ମଧ୍ୟରେ ବିପଦ ଆଶଙ୍କାକୁ ଭିନ୍ନ କରିବାରେ ସକ୍ଷମ ହୋଇଥାଏ ।

ପ୍ରଦର୍ଶିତ ୧୫ : CMR ଦ୍ୱାରା ଖରାପ ଅନୁପାତ

	CIBIL MSME ସ୍ତର (CMR)			
BALMAG	CMR ୧-୩	CMR ୪-୬	CMR ୭-୧୦	ମୋଟାମୋଟି
ଦେୟ ଦେବା	3%	8%	62%	16%
ବୃଦ୍ଧି ପାଇଁ ସ୍ଥିରତା	3%	13%	73%	23%
ସନ୍ତୁଳନ ନିର୍ମାଣକାରୀ	6%	24%	83%	43%
ମୋଟାମୋଟି	3%	12%	73%	23%

ଉଧାରୀ ଦୃଷ୍ଟିକୋଣର ବୈଶିଷ୍ଟ୍ୟତା ଓ ଆଲଗୋରିଦମ CMRକୁ ଏକ ଅତିରିକ୍ତ ଶକ୍ତି ଯୋଗାଇଥାଏ ଯାହାକି ଋଣଦାତାମାନଙ୍କୁ ଋଣଗ୍ରହୀତାଙ୍କ ବିଭିନ୍ନ ଦିଗକୁ ଗଭୀର ଭାବେ ପ୍ରବେଶ କରିବାକୁ ସକ୍ଷମ କରିଥାଏ, ତେଣୁ CMRର ଚାରିପାଖରେ ରହିଥିବା ସମସ୍ତ ନୀତିନିୟମକୁ ପ୍ରସ୍ତୁତ କରିବାରେ ଏହା ଋଣଦାତାଙ୍କୁ ବହୁ ମାତ୍ରାରେ ସକ୍ଷମ କରିଥାଏ ।

ଜୁନ ‘୨୦ ପର୍ଯ୍ୟନ୍ତ ଏମଏସଏମଇ ଋଣର ମୋଟାମୋଟି NPA ହାର ସ୍ଥିର ରହିଛି ଏବଂ ଏହା ସେପ୍ଟେମ୍ବର ‘୨୦ ବେଳକୁ ସମସ୍ତ ପ୍ରକାର ସହ-ବିଭାଗରେ ନିମ୍ନଗାମୀ ହୋଇଛି । MSME ସହ-ବିଭାଗରେ NPA ହାର ଯଥେଷ୍ଟ ଅଧିକ ରହିଥାଏ ସହ-ବିଭାଗ ପାଇଁ ବୃହତ୍ ଟିକେଟ ଆୟତନରେ । ସମସ୍ତ ସହ-ବିଭାଗ NPA ହାରରେ ହ୍ରାସ ECLGSର ଉଧାର ଯୋଗାଣର ଉଚ୍ଚ ମାତ୍ରା ଦ୍ୱାରା ପରିଚାଳିତ ଅଟେ । ନୀତିନୀୟମର ଦୃଶ୍ୟ ମାନରେ NPA ର ଏହି ହାର ପରିବର୍ତ୍ତିନ ହୋଇପାରେ ।

ପ୍ରଦର୍ଶନ ୧୬ : ବିଭାଗ - ଆଧାରିତ NPA ହାର



ଋଣ ପ୍ରଦାନକାରୀ ଋଣନୀତିରେ ପରିବର୍ତ୍ତନ

କୋଭିଡ଼ ସଂକ୍ରମଣର ପ୍ରଭାବରେ ଏହି ଋଣ ଦେବା ପଦ୍ଧତିରେ ବହୁ ମାତ୍ରାରେ ହ୍ରାସ ପରିଲକ୍ଷିତ ହୋଇଥିଲେ ମଧ୍ୟ ଋଣଦାତାମାନେ ପରବର୍ତ୍ତୀ ଅବସ୍ଥାରେ MSME ଋଣର ସୁଯୋଗକୁ ଅକ୍ତିଆର କରିପାରିଛନ୍ତି । କ୍ରେଡ଼ିଟ ବକେୟା ଡ଼ିସେମ୍ବର '୧୯ ପୋର୍ଟଫୋଲିଓ କ୍ରେଡ଼ିଟ ବୃଦ୍ଧିରେ ୩.୩ ପ୍ରତିଶତର ନିମ୍ନଗାମୀ ହୋଇ ଏହା ମାର୍ଚ୍ଚ '୨୦କୁ ଅନୁସରଣ କରି ୩.୯ ପ୍ରତିଶତ ଅଣ-ବୃଦ୍ଧି ଘଟିଛି । କିନ୍ତୁ ECLGS ଏବଂ ଋଣଦାତାଙ୍କ ପୃଷ୍ଠପୋଷକତାରେ ଏହି ଯୋଜନାକୁ ଶୀଘ୍ର ଗ୍ରହଣ କରିବା ଦ୍ୱାରା ଋଣ ପ୍ରଦାନରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ ପରିଲକ୍ଷିତ ହୋଇପାରିଛି । MSME କ୍ରେଡ଼ିଟ୍ ବକେୟା YoY ଜୁନ '୨୦ରେ ୩.୩ ପ୍ରତିଶତ ତଥା ସେପ୍ଟେମ୍ବର ୨୦ରେ ୫.୭ ପ୍ରତିଶତ ବୃଦ୍ଧି ପାଇଛି ।

ପ୍ରଦର୍ଶିତ ୧୭ : ପରିମାଣ ହିସାବରେ YoY MSME ଋଣର ପୋର୍ଟଫୋଲିଓ ବୃଦ୍ଧି



ସନ୍ତୁଳନ ଧାରାରେ ବଜାର ପୁଞ୍ଜି ସେତେ ମାତ୍ରାରେ ଆଖିଦୃଷ୍ଟିଆ ପରିବର୍ତ୍ତନ ହୋଇନାହିଁ । ତଥାପି ବର୍ତ୍ତମାନର ବଜାର ପରିବର୍ତ୍ତନକୁ ନେଇ ଉଧାରଦାତା ମାନେ ଭିନ୍ନ ମତ ପ୍ରକାଶ କରନ୍ତି ।

ପ୍ରଦର୍ଶିତ ୧୮ : ଉଧାରଦାତାଙ୍କ ମଧ୍ୟରେ ଆନୁପାତିକ ଅଂଶ



ଅନ୍ୟ ଉଧାରଦାତା ଯେଉଁମାନେ କି ବଜାର ପୁଞ୍ଜି ବିଶ୍ଲେଷଣରୁ ବିଚ୍ୟୁତ ଅଛନ୍ତି

ଆନୁମାନିକ ଋଣର ହାରାହାରି ଟିକେଟ ଆୟତନରେ ପରିବର୍ତ୍ତନ

ପ୍ରଥମତଃ ଆନୁମାନିକ ଋଣ ଆକାରର ହ୍ରାସ ECLGS ର ୨୦ ପ୍ରତିଶତ କ୍ୟାପ ଦ୍ୱାରା ଉତ୍ସାହିତ ଥାଏ ଉଭୟ ବିଦ୍ୟମାନ ଏବଂ ନୂତନ ଉଧାରକର୍ତ୍ତାଙ୍କ ମଧ୍ୟରେ ଅନୁଭୂତ ହୋଇଥାଏ । ETB ବିଭାଗରେ ଆନୁମାନିକ ଋଣ ପରିମାଣର ହ୍ରାସ ମୂଲ୍ୟ ଜାନୁୟାରୀ୨୦ରେ ୪୦ ଲକ୍ଷ ଟଙ୍କା ହୋଇଥିବା ବେଳେ ସେପ୍ଟେମ୍ବର ୨୦ରେ ଏହା ୧୦ ଲକ୍ଷ ଟଙ୍କା ଅଟେ ଏହି ହ୍ରାସ ECLGSର ୨୦ ପ୍ରତିଶତ କ୍ୟାପ ସହିତ ବ୍ୟାପକ ଭାବରେ ଅନୁରୂପ ଅଟେ ।

ପ୍ରଦର୍ଶିତ ୧୯ : ଉଧାରକର୍ତ୍ତା / ଋଣଗ୍ରହୀତା ପ୍ରକାର ଅନୁସାରେ ହାରାହାରି ଋଣ ପରିମାଣ



ସମସ୍ତ ଋଣଦାତାଙ୍କ ମଧ୍ୟରେ ଋଣର କ୍ଷୁଧାରେ ଏହି ପରିବର୍ତ୍ତନ ପରିଲକ୍ଷିତ ହୋଇଛି ଯଥା MSME ଋଣ ଉତ୍ପତ୍ତି ପାଇଁ ହାରାହାରି ଟିକେଟ ଆକାର ସମସ୍ତ ଋଣଦାତା ଗୋଷ୍ଠୀ ପାଇଁ ହ୍ରାସ ପାଇଛି । ଏପରିକି ଯଦିଓ ବେସରକାରୀ ବ୍ୟାଙ୍କ ଏବଂ NBFC ଗୁଡ଼ିକ ଧିରେ ଧିରେ ପୂର୍ବ-କୋଭିଡ଼ ୧୯ ଟିକେଟ ଆକାରକୁ ଫେରୁଛନ୍ତି, ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ କମ୍ ଟିକେଟ ବଜାୟ ଆକାର ରଖିଛନ୍ତି ।

ପ୍ରଦର୍ଶିତ ୨୦ : ଋଣଦାତାଙ୍କ ପ୍ରକାର ଅନୁସାରେ ଉତ୍ପତ୍ତିର ହାରାହାରି ଋଣ ପରିମାଣ



ଅନୁମୋଦନ ହାର ବୋର୍ଡ଼ରେ ବୃଦ୍ଧି ପାଇଛି

ଦ୍ୱିତୀୟତଃ, ECLGS ର ଶତ ପ୍ରତିଶତ କ୍ରେଡ଼ିଟ୍ ଗ୍ୟାରେଣ୍ଟିର ପୃଷ୍ଟପୋଷକତା ସହିତ ସମଗ୍ର ଋଣଦାତାଙ୍କ ମଧ୍ୟରେ ଅନୁମୋଦନ ହାର ବୃଦ୍ଧି ପାଇଛି । ଯଦିଓ ଜୁନ ‘ ୨୦ର ଅନୁମୋଦନ ହାରରେ ପ୍ରାରମ୍ଭିକ ସ୍ପାଇକ୍ ପରେ ବେସରକାରୀ ବ୍ୟାଙ୍କ ଏବଂ NBFC ଗୁଡ଼ିକ ଧିରେ ଧିରେ ପ୍ରି- କୋଭିଡ଼ ୧୯ର ସ୍ତରକୁ ଫେରୁଛନ୍ତି । ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ ସେମାନଙ୍କର ପୂର୍ବ- କୋଭିଡ଼ ୧୯ ସ୍ତରର ଅନୁମୋଦନ ହାର ୨ଗୁଣରୁ ଅଧିକ ରହିଛନ୍ତି ।

ପ୍ରଦର୍ଶିତ ୨୧ : ଉଧାରଦାତା ବର୍ଗ ଦ୍ୱାରା ମୂଲ୍ୟ ସୂଚକାଙ୍କ ଅନୁମୋଦିତ ମୂଲ୍ୟ



ଫଳ ସ୍ୱରୂପ, ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ ଋଣ ଉତ୍ପତ୍ତିରେ ଆଗୁଆ ହୋଇପାରିଛନ୍ତି । ଜାନୁୟାରୀ / ଫେବୃୟାରୀ ୨୦ ପାଇଁ ବର୍ଷ ପରେ ବର୍ଷ ବୃଦ୍ଧି ଉତ୍ପତ୍ତିର ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କର ୨୦ ପ୍ରତିଶତ ଥିଲା ବେଳେ ପ୍ରାଇଭେଟ ବ୍ୟାଙ୍କର ପ୍ରାୟତଃ ୫୦ ପ୍ରତିଶତ ରହିଛି । ଅପ୍ରେଲ ‘ ୨୦ ଠାରୁ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ମାସ ପରେ ମାସ MSME ଋଣ ଉତ୍ପତ୍ତିରେ ଏକ ଗୁରୁତ୍ୱ ଭୂମିକା ନେଇପାରିଛି ।

ପ୍ରଦର୍ଶିତ ୨୨ : ଋଣଦାତା ବର୍ଗ ଦ୍ୱାରା ଉତ୍ପତ୍ତି ସନ୍ତୁଳନର YoY ବୃଦ୍ଧି



ଏହି ବିଶ୍ଳେଷଣରେ MSME ଋଣ ଅନୁମୋଦିତ ବିବେଚ୍ନା କରାଯାଏ ଯଦି ଋଣଦାତାଙ୍କ ଦ୍ୱାରା ଏକ ଅନୁସନ୍ଧାନ ୬୦ ଦିନ ମଧ୍ୟରେ ଉତ୍ପନ୍ନ ଋଣରେ ପରିଣତ ହୁଏ ।

ଯଦିଓ କ୍ରେଡ଼ିଟ୍ (ଋଣ) ଅନୁସନ୍ଧାନରୁ ଉତ୍ପନ୍ନ ପ୍ରାରମ୍ଭିକ ସଂକେତ ଗୁଡ଼ିକ ଦର୍ଶାଏ ଯେ ଘରୋଇ ବ୍ୟାଙ୍କ ଗୁଡ଼ିକ MSME ଋଣ ପ୍ରଦାନର ଅଗ୍ରଣୀ ହାସଲ କରନ୍ତି, ସେହି ମାସରେ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ (ପବ୍ଲିକ୍ ସେକ୍ଟର ବ୍ୟାଙ୍କ) ଗୁଡ଼ିକ ୯ ପ୍ରତିଶତ ତୁଳନାରେ ସେମାନଙ୍କର କ୍ରେଡ଼ିଟ୍ (ଋଣ) ଅନୁସନ୍ଧାନ ଡ଼ିସେମ୍ବର ୨୦ ପାଇଁ ୨୨ ପ୍ରତିଶତ YoY ବୃଦ୍ଧି ପାଇଛି ।

ପ୍ରଦର୍ଶିତ ୨୩ : ଉଧାରଦାତା ବିଭାଗ ଦ୍ୱାରା YoY ବାଣିଜ୍ୟିକ କ୍ରେଡ଼ିଟ୍ (ଋଣ) ଅନୁସନ୍ଧାନର ବୃଦ୍ଧି ଅନୁପାତ



ସର୍ବାଧିକ ହିତାଧିକାରୀ ଥିବା ଉଚ୍ଚ ଅନୁମୋଦିତ ମୂଲ୍ୟ MSME ବୃଦ୍ଧି ହାରର ଉଚ୍ଚ ବିପଦଯୁକ୍ତ ବିଭାଗ CMR ୭ରୁ ୧୦ ସହିତ ଥାଏ । ସେମାନଙ୍କର ଅନୁମୋଦିତ ମୂଲ୍ୟ ଜୁନ ' ୨୦ରେ ପୂର୍ବ-କୋଭିଡ଼୧୯ ସ୍ତର ଠାରୁ ୨ଗୁଣ ଅଧିକ ଉପରକୁ ଉଠିଛି । ତା'ପରଠାରୁ ଅନୁମୋଦିତ ମୂଲ୍ୟ ନିମ୍ନଗାମୀ ହେଉଛି କିନ୍ତୁ ଏପର୍ଯ୍ୟନ୍ତ ଏହା ପୂର୍ବ –କୋଭିଡ଼ ୧୯ ସ୍ତର ଠାରୁ ଅତି ଦ୍ରୁତ ଗତିରେ ଗତି କରୁଛି ।

ପ୍ରଦର୍ଶିତ ୨୪ : ବିପଦ ସ୍ତର ଦ୍ୱାରା ମୂଲ୍ୟ ସୂଚକାଙ୍କ ଅନୁମୋଦିତ ମୂଲ୍ୟ



ଫଳସ୍ୱରୂପ ସଂକ୍ରମଣ ଅତି ଉଚ୍ଚ ସ୍ତରରେ ଥିବା ବେଳେ ଏକ ଅସ୍ଥାୟୀ ମାପକ ଥିବା ସତ୍ତ୍ୱେ ବିପଦର କ୍ଷୁଧା ପୂର୍ବ ସଂକ୍ରମଣ ସ୍ତରକୁ ପ୍ରତ୍ୟାବର୍ତ୍ତନ କରିଛି । CMR ର ପ୍ରକୃତ ଅଂଶୀଦାର ଭାବରେ ଏହା ସୂଚିତ କରୁଛି ଯେ ସଂକ୍ରମଣ ପ୍ରାଥମିକ ଅବସ୍ଥାରେ ଅତି ଉଚ୍ଚ ବିଭାଗ CMR ୭-୧୦କୁ ଏହା ନିମ୍ନଗାମୀ କରାଇବା ସହିତ ନିମ୍ନ ବିପଦଗାମୀ ବିଭାଗ CMR ୧-୩କୁ ଏହା ବୃଦ୍ଧି କରିଛି । କିନ୍ତୁ ଏବେ ବିତରଣର ଉତ୍ପତ୍ତି CMR ଦ୍ୱାରା ପୂର୍ବ-କୋଭିଡ଼ ୧୯ ସ୍ତର ସହିତ ସମାନ ଭାବରେ ରହିଛି ।

ପ୍ରଦର୍ଶିତ ୨୫ : CMR ଦ୍ୱାରା MSME ଗୁଡ଼ିକର ଉତ୍ପତ୍ତୀୟ ବିତରଣ



ବିପଦର ପ୍ରାରମ୍ଭିକ କଡ଼ାକଡ଼ି ପରେ ବେସରକାରୀ ବ୍ୟାଙ୍କ ଏବଂ ସର୍ବସାଧାରଣ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ ସେମାନଙ୍କର ସମାନ ବିପଦ ଯୁକ୍ତ କ୍ଷୁଧାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ଯାହା ପୂର୍ବରୁ ରହିଥିଲା । ତଥାପି NBFC ତାର ବିପଦଯୁକ୍ତ କ୍ଷୁଧାକୁ ବିସ୍ତାରିତ କରିପାରିଛି ସମ୍ଭବତଃ ବର୍ଦ୍ଧିତ ଆଇନଗତ ସୁଧାର କାରଣ ଯୋଗୁଁ ।

ପ୍ରଦର୍ଶିତ ୨୬ : ଉଧାରଦାତାଙ୍କ ଦ୍ୱାରା ଉଚ୍ଚ ବିପଦଯୁକ୍ତ (CMR ୭-୧୦) ଉତ୍ପତ୍ତିର ଅଂଶୀଦାର



NPAଗୁଡ଼ିକ MSME ସ୍ତରରେ ସମସ୍ତ ଋଣଦାତାଙ୍କ ପାଇଁ ହ୍ରାସ ଘଟିଛି କେବଳ ସେପ୍ଟେମ୍ବର ୨୦ର NBFC ବ୍ୟତୀତ ଜୁନ୍ '୨୦କୁ ତୁଳନା କରି । ଅଣ ସରକାରୀ ବ୍ୟାଙ୍କ ଗୁଡ଼ିକର NPA ମୂଲ୍ୟ ସେପ୍ଟେମ୍ବର ୨୦ର ୫.୮ ପ୍ରତିଶତ ଜୁନ୍ '୨୦ର ୬.୪ ପ୍ରତିଶଥ ଠାରୁ ହ୍ରାସ ଘଟିଛି । NPA ମୂଲ୍ୟ ସର୍ବସାଧାରଣ କ୍ଷେତ୍ର ବ୍ୟାଙ୍କରେ ସେପ୍ଟେମ୍ବର '୨୦ର ୧୬.୭ ପ୍ରତିଶତ ଠାରୁ ଜୁନ୍ '୨୦ର ୧୮ ପ୍ରତିଶତ ହ୍ରାସ ଘଟିଛି । କିନ୍ତୁ NBFC ଜୁନ୍ '୨୦ରୁ ସେପ୍ଟେମ୍ବର ୨୦ ମଧ୍ୟରେ ସମାନ ପରିମାଣର ମୂଲ୍ୟ ପ୍ରଦର୍ଶିତ କରୁଛି । NBFC ର NPA ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ମଧ୍ୟରେ ରହିଛି ସେମାନଙ୍କର MSME ଋଣ ବୃଦ୍ଧିରେ ଦ୍ରୁତ ହ୍ରାସ ।

ପ୍ରଦର୍ଶିତ ୨୭ : MSME ସ୍ତରରେ ଉଧାରଦାତା ଗୋଷ୍ଠୀଙ୍କର NPA ମୂଲ୍ୟ



ଉପସଂହାର

MSME କ୍ଷେତ୍ର ୨୦୨୦ ମସିହାରେ ଏକ ଶୋଚ଼ନୀୟ ଗତିପଥ ଦେଇ ଗତି କରିଛି । କୋଭିଡ଼ ୧୯ ଯେତେବେଳେ ସମ୍ପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟକଳାପକୁ ପ୍ରଭାବିତ କରିଥିଲା ସରକାର ତଥା RBI ର ଏକ ଶକ୍ତିଶାଳୀ ପଦକ୍ଷେପ ଏହାକୁ ପ୍ରକୃତ ଆଶ୍ୱସ୍ତି ପ୍ରଦାନ କରିଥିଲା ଏହାର ବୃଦ୍ଧିକୁ ସହାୟତା ପାଇଁ । ବର୍ଷ ୨୦୨୦ କାରବାର ଉପରେ ଆଧାରିତ କରି MSME ର ନୂତନ ସଂଜ୍ଞା, ECLGS ର ଶୁଭାରମ୍ଭ, ମୋରାଟୋରିୟମ ପ୍ରଦାନ, ନୂତନ ଢ଼ାଞ୍ଚାର ରୂପ ଦେବା, ଦବାବଗ୍ରସ୍ତ MSME ଯୋଜନା ତଥା କରେଣ୍ଟ ଆକାଉଣ୍ଟ (ଚଳନ୍ତି ଖାତା) ଖୋଲିବାର ନୀତି ସମୂହ । ଯେହେତୁ ଆମେ ୨୦୨୧କୁ ଅଗ୍ରସର ହେଉଛି, ଏହିଠାରୁ ଆଗକୁ ଏକ ସୁନ୍ଦର ସମ୍ପୂର୍ଣ୍ଣ ଯାତ୍ରା ଆଶା ରହିଛି । ଉଧାରିକରଣର ଏହି ପରିବର୍ତ୍ତନୀୟ ବିନ୍ଦୁରେ ଆମେ ଆଶାର କାରଣ ଦେଖିପାରୁଛୁ ଯାହାକି ଆଗାମୀ ଭବିଷ୍ୟତରେ ଉଧାରିକରଣ ପଥର ସଂଜ୍ଞା ନିରୂପଣ କରିବ ।

- ECLGS ଆତ୍ମନିର୍ଭର ପଦକ୍ଷେପ ଦ୍ୱାରା ସମର୍ଥୀତ କ୍ରେଡ଼ିଟ୍ (ଋଣ) ଚାହିଦା ପୁଣି ପୂର୍ବ କୋଭିଡ଼ ସ୍ତରକୁ ଚ଼ାଲିଆସିଛି । ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଗୁଡ଼ିକ ECLGS ରେ ଶତ ପ୍ରତିଶତ କ୍ରେଡ଼ିଟ୍ ଗ୍ୟାରେଣ୍ଟିରେ MSME ଗୁଡ଼ିକ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରି ମହାମାରୀର ଲାଭ ଉଠାଇ ପାରିବେ । ECLGS ର ପ୍ରକୃତି କାରଣରୁ ୨୦୨୦ ETB (ବିଦ୍ୟମାନ ବ୍ୟାଙ୍କ) ବିଭାଗରେ ଗଭୀର ଅନୁପ୍ରବେଶ ଦେଖିପାରିଛି । କଟକଣାରେ ସାମାନ୍ୟ ଢ଼ିଲା ଏବଂ ଲକ୍‌ଲାଉନର ସଂକ୍ଷିପ୍ତତା କାରଣରୁ ଅଣ-ମେଟ୍ରୋ ଅଞ୍ଚଳ ଗୁଡ଼ିକ କ୍ରେଡ଼ିଟ୍ ପ୍ରତ୍ୟାବର୍ତ୍ତନର ଅଗ୍ରଣୀ ଭୂମିକା ନେଇପାରିଛି ।
- CMR ରେ ବିପଦପୂର୍ଣ୍ଣ ଗଠନ ପ୍ରଣାଳୀ ପ୍ରତୀକ ଉଚ୍ଚତର ଅବନ୍ନତି ଭାବରେ ଉତ୍ପନ୍ନ ହୋଇପାରିଛି । ଏହି ଅବନ୍ନତି ଗୁଡ଼ିକ MSME ପିରାମିଡ଼ର ବିଭାଗରେ ନିଚ଼ସ୍ତର ପାଇଁ ଉଚ୍ଚତର ରହିଛି ଏବଂ ଗ୍ରାହକ ଇଚ୍ଛାଧୀନ କ୍ଷେତ୍ରକୁ ଏଥିରେ ସାମିଲ କରିଛି । NPA ମୂଲ୍ୟ ଅଦ୍ୟାବଧି ସମାନ୍ତରାଳ ଭାବେ ରହିଛି କିନ୍ତୁ ନୀତିନିୟମର ନୂତନତ୍ୱକୁ ନେଇ ଏଥିରେ ପରିବର୍ତନର ସମ୍ଭାବନାକୁ ଆଡେଇ ଦିଆଯାଇ ନପାରେ ।
- MSME ପରିଚ଼ୟ ଏବଂ ଉଧାରୀକରଣ ବିଶେଷତ୍ୱର ପରିବର୍ତ୍ତନ ହୋଇଛି । କେବଳ ETB ବିଭାଗରେ ନୁହେଁ NTB ବିଭାଗରେ ମଧ୍ୟ ହାରାହାରି ଋଣ ଆକାର ମଧ୍ୟ ହ୍ରାସ ହୋଇଛି । ବୋର୍ଡ଼ ମଧ୍ୟରେ ମଞ୍ଜୁରୀ ମୂଲ୍ୟ ବୃଦ୍ଧି ପାଇଛି, ସବୁଠାରୁ ବଡ଼ ହିତାଧିକାରୀମାନେ ଉଚ୍ଚ ବିପଦ MSME ଅଟନ୍ତି । ବେସରକାରୀ ବ୍ୟାଙ୍କ ଏବଂ NBFC ସମୂହ ପୂର୍ବ କୋଭିଡ଼ ଅନୁମୋଦିତ ମୂଲ୍ୟକୁ ଫେରି ଆସିଥିବା ବେଳେ ସାର୍ବଜନୀକ କ୍ଷେତ୍ର ବ୍ୟାଙ୍କ ସମୂହ ନିଜର ଗତିକୁ ଅନୁମୋଦିତ ମୂଲ୍ୟ ଠାରୁ ଅଧିକ ଦୁଇଗୁଣିତ କରି ଏହାକୁ ସେଇ ପୂର୍ବ କୋଭିଡ଼ ସ୍ତରର ସମତୁଲ୍ୟ କରିବାରେ ଚ଼ାଲିଛନ୍ତି । ବିପଦର କ୍ଷୁଦା ସାଧାରଣ ସ୍ଥିତିକୁ ଧିରେ ଧିରେ ଆସିବାକୁ ଯାଉଛି । ତଥାପି NBFC ଅଧିକରୁ ଅଧିକ ବିପଦକୁ ଗ୍ରହଣ କରୁଛି ।

ପ୍ରତ୍ୟାଖ୍ୟାନ

MSME ପଲସ୍ ରିପୋର୍ଟ (ବିବରଣୀ) ଟ୍ରାନ୍ସୟୁନିୟନ ସିବିଲ ଲିମିଟେଡ଼ (ଟିୟୁସିବିଲ) ଦ୍ୱାରା ପ୍ରସ୍ତୁତ ହୋଇଅଛି । ଏହି ପ୍ରତ୍ୟାକ୍ଷାନ ଅଧୀନରେ ରିପୋର୍ଟକୁ ଗ୍ରହଣ କରି ଏହାକୁ ବ୍ୟବହାର କରି ବ୍ୟବହାରକାରୀ ଏହାକୁ ସ୍ୱୀକାର ଏବଂ ଗ୍ରହଣ କରନ୍ତି । ଏହି ରିପୋର୍ଟଟି ଟିୟୁସିବିଲ ସହିତ ସଦସ୍ୟ ଥିବା କ୍ରେଡ଼ିଟ୍ ଅନୁଷ୍ଠାନ ଦ୍ୱାରା ବହୁ ପରିମାଣରେ ପ୍ରଦାନ କରାଯାଇଥିବା ତଥ୍ୟ ସଂଗ୍ରହ ଉପରେ ଆଧାରିତ । ରିପୋର୍ଟ ପ୍ରସ୍ତୁତ କରିବାରେ ଟିୟୁସିବିଲ ଯଥାଯଥ ଯୁକ୍ତିଯୁକ୍ତ ଯତ୍ନ ନେଇଥିବା ବେଳେ କ୍ରେଡ଼ିଟ୍ ସଂସ୍ଥା ଦ୍ୱାରା ଦାଖଲ ହୋଇଥିବା ଭୁଲ କିମ୍ବା ଅନୁପଯୁକ୍ତ ତଥ୍ୟ ହେତୁ ସଠିକତା, ତ୍ରୁଟି ଏବଂ / କିମ୍ବା ତ୍ରୁଟି ପାଇଁ ଟିୟୁସିବିଲ ଦାୟୀ ରହିବ ନାହିଁ । ଅଧିକନ୍ତୁ ଟିୟୁସିବିଲ ରିପୋର୍ଟରେ ଥିବା ତଥ୍ୟର ପର୍ଯ୍ୟାପ୍ତତା କିମ୍ବା ସମ୍ପୂର୍ଣ୍ଣତା ଏବଂ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏହାର ଉପଯୁକ୍ତତା ଗ୍ୟାରେଂଟି ଦିଏନାହିଁ କିମ୍ବା ରିପୋର୍ଟ ଉପରେ କୌଣସି ପ୍ରବେଶ କିମ୍ବା ନିର୍ଭରଶୀଳତା ପାଇଁ ଦାୟୀ ନୁହେଁ ଏବଂ ଏହିପରି ସମସ୍ତ ଦାୟିତ୍ୱ ସମ୍ପୂର୍ଣ୍ଣତାକୁ ସ୍ପଷ୍ଟ ଭାବରେ ପ୍ରତ୍ୟାକ୍ଷାନ କରେ । ଏହି ରିପୋର୍ଟ ପ୍ରତ୍ୟାକ୍ଷାନ / ଅସ୍ୱୀକାର କିମ୍ବା କୌଣସି ପ୍ରୟୋଗ, ଉତ୍ପାଦ କିମ୍ବା ଟିୟୁସିବିଲ ଦ୍ୱାରା କୌଣସି ସିପାରିଶ ନୁହେଁ ଯଥା – ୧) ଋଣ ଦେବା କିମ୍ବା ନଦେବା, ୨) ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କୌଣସି ଆର୍ଥିକ କାରବାରରେ ପ୍ରବେଶ କରିବା କିମ୍ବା ନ କରିବା ପାଇଁ ଦାୟୀ ରହିବେ ନାହିଁ । ରିପୋର୍ଟରେ ଥିବା ସୂଚନା ପରାମର୍ଶ ଗଠନ କରେ ନାହିଁ ଏବଂ ଉପଭୋକ୍ତା ସମସ୍ତ ଆବଶ୍ୟକୀୟ ବିଶ୍ଳେଷଣ କରିବା ଉଚିତ ଯାହା ଏହି ରିପୋର୍ଟରେ ଥିବା ସୂଚନା ଉପରେ ଆଧାର କରି କୌଣସି ନିଷ୍ପତି ନେବା ପୂର୍ବରୁ ଯାହା ତାଙ୍କ ମତରେ ଚତୁରତା ଅଟେ । ରିପୋର୍ଟର ବ୍ୟବହାର କ୍ରେଡ଼ିଟ୍ ସୂଚନା କମ୍ପାନୀ (ନିୟମାବଳୀ) ଅଧୀନିୟମ ୨୦୦୫, କ୍ରେଡ଼ିଟ୍ ସୂଚନା କମ୍ପାନୀ (ନିୟମାବଳୀ) ଅଧୀନିୟମ ୨୦୦୬ ଏବଂ କ୍ରେଡ଼ିଟ୍ ସୂଚନା କମ୍ପାନୀ ନିୟମ ୨୦୦୬ର ନିୟମାବଳୀ ଦ୍ୱାରା ପରିଚାଳିତ । ରିପୋର୍ଟର କୌଣସି ଅଂଶର ନକଲ, ପ୍ରସାରିତ କିମ୍ବା ପ୍ରକାଶିତ ପୂର୍ବ ଅନୁମୋଦନ ବିନା ହେବା ଉଚିତ ନୁହେଁ ।

ଟ୍ରାନ୍ସୟୁନିୟନ ସିବିଲ

ଟ୍ରାନ୍ସୟୁନିୟନ ସିବିଲ ଲିମିଟେଡ଼
ପୂର୍ବର : କ୍ରେଡ଼ିଟ୍ ଇନଫରମେସନ୍ ବ୍ୟୁରୋ (ଇଣ୍ଡିଆ) ଲିମିଟେଡ଼
ସିଆଇଏନ : ୟୁ୭୨୩୦୦ଏମଏଚ୍୨୦୦୦ପିଏଲସି୧୨୮୩୫୯

ଫୋନ : ୬୬୩୮ ୪୬୦୦
ଫ୍ୟାକ୍ସ : ୬୬୩୮ ୪୬୬୬
ୱେବ : transunioncibil.com

ୱାନ ଇଣ୍ଡିଆବୁଲ୍ସ ସେଂଟର, ଟାୱାର ୨ଏ, ୧୯ତମ ମହଲା,
ସେନାପତି ବାପତ ମାର୍ଗ, ଏଲଫିନ୍‌ଷ୍ଟୋନ ରୋଡ଼,
ମୁମ୍ବାଇ – ୪୦୦ ୦୧୩